# Akashvani, Sambalpur

## SAMBALPURI NEWS BULLETIN

### 7 June 2024- 6.47- 6.52 am.

**********************************************

ଆଦର୍ଶ ଆଚରଣ ବିଧି- ପ୍ରତ୍ୟାହାର୍      ଆର୍ଏନ୍ୟୁ /ସମ୍ବଲପୁର

ଦେଶେ ଲୋକ୍ସଭା ନିର୍ବାଚନ୍ ସହେତେ ୪ ଟା ରାଜ୍ୟ ନ ବିଧାନ୍ସଭା ନିର୍ବାଚନ୍ ସର୍ଲା ଉତାରୁ ମାର୍ଚ୍ଚ ୧୬ ତାରିଖ୍ନୁ ଜାରି କରାଯାଇଥିବା ଆଦର୍ଶ ଆଚରଣ ବିଧିକେ ଉଠେଇ ଦିଆଯାଇଛେ । ମୁଖ୍ୟ ନିର୍ବାଚନ୍ କମିଶନର୍ ରାଜେଶ୍ କୁମାର୍ କହିଛନ୍ ଯେ, ଆଦର୍ଶ ଆଚରଣ ବିଧି ଉଠାଯିବାର୍ ବାବ୍ଦେ କେନ୍ଦ୍ର କେବିନେଟ୍ ସଚିବ ଆଉ ରାଜ୍ୟର୍ ମୁଖ୍ୟ ସଚିବ ମାନ୍କୁ ଜନେଇ ଦିଆଯାଇଛେ । ଆଦର୍ଶ ଆଚରଣ ବିଧି ଲାଗିଥିବା ସମିଆଥି ସର୍କାର୍ଙ୍କର୍ ତର୍ଫୁ କେନ୍ସି ନୂଆଁ ପ୍ରକଳ୍ପର୍ ଉଦ୍ଘାଟନ୍ କି ଶିଲାନ୍ୟାସ୍, ଭିନ୍ ଭିନ୍ ପ୍ରକଳ୍ପର୍ ଟେଣ୍ଡର୍ ପ୍ରକ୍ରିୟା, ସର୍କାରୀ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଆଉ ଅଭିଯୋଗ୍ ଶୁଣାଣି ଉପ୍ରେ ରୋକ୍ ଲଗାଯାଇଥିଲା । ଆଦର୍ଶ

ଆଚରଣ୍ ବିଧି ଉଠେଇ ନିଆଯିବାର୍ ଉତ୍ରୁ ଏଛେନ୍ ସବୁ କାମ୍ ଆଘର୍ ବାଗିର୍ ଚାଲ୍ବା ।

ରାଷ୍ଟ୍ରପତି - ଲୋକ୍ସଭା ସଦସ୍ୟ ବିଜ୍ଞପ୍ତି  ଆର୍ଏନ୍ୟୁ /ସମ୍ବଲପୁର

୧୮ ନମ୍ବର୍ ଲୋକ୍ସଭାକେ ନିର୍ବାଚିତ ହେଇଥିବା ସଦସ୍ୟମାନ୍କର୍ ନାଁ ତାଲିକାକେ ନେଇକରି ଭାରତ୍ର ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗଲାକାଏଲ୍ ରାଷ୍ଟ୍ରପତି ଭବନ୍ ନ ଭେଟିକରି ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ରାଜୀବ୍ କୁମାର୍ଙ୍କର୍ ସହେତେ ନିର୍ବାଚନ୍ ଆୟୁକ୍ତ ଜ୍ଞାନେଶ୍ କୁମାର୍ ଆର୍ ଡକ୍ଟର୍ ସୁଖ୍ବୀର୍ ସିଂ ସାନ୍ଧୁ ଇ ବିଜ୍ଞପ୍ତିକେ ଦେଇଛନ୍ ।  ଦେଶେ ଲୋକ୍ସଭା ଆଉ ୪ ଟା ରାଜ୍ୟର୍ ବିଧାନ୍ସଭା ନିର୍ବାଚନ୍କେ ସଫଲ୍ ଭାବେ ପରିଚାଲନା କରିଥିବାର୍ନୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ଆଉ ଦୁହି ନିର୍ବାଚନ୍ ଆୟୁକ୍ତଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ଇତାର୍ ସହେତେ ନିର୍ବାଚନ୍ ଆୟୋଗଙ୍କର୍ କାର୍ଯ୍ୟାଳୟର୍ ଅଧିକାରୀ ଆର୍ କର୍ମଚାରୀ, ମତଦାନ୍ ପରିଚାଳନା ତଦାରଖିଥି ନିୟୋଜିତ ହେଇଥିବା କର୍ମଚାରୀମାନ୍କୁ ମତଦାନ୍ର ପବିତ୍ରତା ବଜାୟ

ରଖିଥିବାର୍‌ନୁ ସାରା ଦେଶ୍ ତର୍‌ଫୁ ସେମାନ୍‌କୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ ।

ବିଜେପି ସର୍‌କାର୍- ଶପଥ୍ ଗ୍ରହଣ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ରାଏଜେ ବିଜେପି ସର୍‌କାର୍‌ଙ୍କର୍ ନୂଆଁ ମନ୍ତ୍ରୀମଣ୍ଡଲ୍‌ର ଶପଥ୍ ଗ୍ରହଣ୍ ଲାଗି ପ୍ରସ୍ତୁତି ମୁଲ୍ ହେଇଛେ । ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅମିତ୍ ଶାହାଙ୍କର୍ ସହେତେ ବିଜେପି ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଆଏବା ୧୦ ତାରିଖ୍ ଦିନ ଶପଥ୍ ଗ୍ରହଣ୍ ଉତ୍ସବ୍ ହେବା । ଜନ୍‌ତା ମଇଦାନ୍ ନ ପାଖାପାଖି ଲାଖେ ଲୁକ୍‌କର୍ ଉପସ୍ଥିତିଥି ନୂଆଁ ମୁଖ୍ୟମନ୍ତ୍ରୀ ଶପଥ୍ ନେବେ । ଇଥିର୍‌ଲାଗି ପୂର୍ତ ବିଭାଗ୍ ତର୍‌ଫୁ ସଭାମଂଚ୍‌ନୁ ଆରମ୍ଭ୍ କରିକରି ଭିଆଇପିଙ୍କର୍ ଆସନ୍ ଆଉ ଲୁକ୍‌କର୍ ବସ୍‌ବାର୍ ଲାଗି ବ୍ୟବସ୍ଥା କରାଯାଉଛେ । ଆଇନ୍‌ଶୃଙ୍ଖଲା ପରିସ୍ଥିତିକେ ନଜର୍‌ଥି ରଖିକରି ୪୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଲଗାଯିବା । ଗଲାକାଏଲ୍ ପୁଲିସ୍ ଡିଜି ଅରୁଣ୍ କୁମାର୍ ଷଡ଼ଙ୍ଗୀ, ପୁଲିସ୍ କମିଶନର୍ ସଞ୍ଜିବ୍ ପଣ୍ଡା ଆଉ ଡିସିପି

ପ୍ରତୀକ୍ ସିଂ ଜନତା ମଇଦାନ୍ ଯାଇକରି ଥିତିର୍ ଅନୁଧ୍ୟାନ୍ କରିଛନ୍ ।

ବିଜେଡ଼ି ସଭାପତି- ଆଲୋଚନା ଆର୍‌ଏନ୍‌ୟୁ /ସମ୍ବଲପୁର

ବିଜୁ ଜନ୍‌ତା ଦଲ୍ ସଭାପତି ନବୀନ୍ ପଟ୍ଟନାୟକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନବୀନ୍ ନିବାସ୍ ନ ଦଲୀୟ ନେତାମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଆଲୋଚନା ସମିଆଥି ଆଗର୍‌ନୁ ଅଏତ୍‌କା ପରିଶ୍ରମ୍ କରିକରି ଲୁକ୍‌କର୍ ସାଙ୍ଗେ ସମ୍ପର୍କ ବଢ଼ାବାର୍ ଲାଗି ଶ୍ରୀ ପଟ୍ଟନାୟକ୍ ଦଲୀୟ କର୍ମକର୍ତାମାନ୍‌କୁ ପରାମର୍ଶ ଦେଇଛନ୍ । ସମ୍‌କର୍ ମନୋବଳ ବଢ଼େଇକରି ଧୈର୍ଯ୍ୟ ରଖିବାର୍ ସହେତେ ସଂଗଠିତ୍ ହେଇକରି କାମ୍ କର୍‌ବାର୍‌କେ ଭିଲ୍ ସେ କହିଛନ୍ ।

ନନ୍ଦ୍‌ପଡ଼ା- ପତର୍‌ପେଁଡ଼ି ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ପତର୍‌ପେଁଡ଼ି ନୀତି ଗଲାକାଏଲ୍ ହେଇଯାଇଛେ । ବରପିତା, ସପ୍ତର୍ଷି ଆର୍ ପଡ଼ାର୍

ମୁରବୀ ମାନେ କନିଆ ଖୁଜ୍‌ବାର୍‌କେ ଶୋଭାଯାତ୍ରାଥି ବାହାରିଥିଲେ । ସେମାନେ କନ୍ୟାପିତାମାତା ଚାର୍‌ଭାଟିର ସୁମନ୍ତ ପଣ୍ଡା ଆର୍ ନୀତିପ୍ରିୟା ଦେବୀଙ୍କର୍ ଘରେ ପୁହୁଁଚିଲା ଉତ୍‌ରୁ ସପ୍ତରଷି ଆର୍ ବରପିତା ଦେବଦେବ ମହାଦେବଙ୍କର୍ ଲାଗି କନ୍ୟା ଖୁଜୁଥିବାର୍ କହିଥିଲେ । ଇତାର୍ ସହେତେ ସେମାନେ ଦେବଦେବ ମହାଦେବଙ୍କର୍ ଗୁଣଗାନ କରିଥିଲେ । ଝିଅ ଘରେ ରାଜି ହେଲା ଉତ୍‌ରୁ ସର୍‌ଗିପତର୍ ପେଁଡ଼ା, ଫୁଲ୍ ଆଉ ବେଲ୍‌ପତର୍ ଦେଇକରି  ପତର୍‌ପେଁଡ଼ି ହେଇଥିଲା ।

ସେଆଡ଼େ ବାଲୁଙ୍କେଶ୍ୱର୍ ବାବାଙ୍କର୍ ବିବାହଥି ଯୋଗ୍ ଦେବାର୍ ଲାଗି ନୃସିଂହ ମହାପ୍ରଭୁ ସହରର୍ ଦେବୀଦେବୀଙ୍କୁ  ଆଏଜ୍ ନିଉତା ଦେବେ । ଆଏବା ରଏବାର୍ ଦିନ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା । ଇତାର୍‌ଉତ୍‌ରୁ ଅଲ୍‌ଗା କମିଟିମାନ୍‌କୁ ନିଉତା ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ଆଏବା ୧୦ ତାରିଖ୍ ରାତି ଦେବଦେବ ମହାଦେବ ବରାତି ଯିବେ । ଶୁଭମୁହୂର୍ତଥି ବିହାଘର୍ ଆର୍ ୧୧ ତାରିଖ୍ ରାତିନୁ ଦେବଦମ୍ପତି ନଗର୍ ପରିକ୍ରମା କରିକରି ତାର୍ ଆର ଦିନ ଉପର୍‌ବେଲା ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ୍ । ଦୂଷିତ ଆଉ ଅପମିଶ୍ରିତ ଖାଦ୍ୟ ଖାଇକରି ପୁର୍‌ଥିର୍ ଲାଖ୍ ଲାଖ୍ ଲୋକ୍ ରୋଗଥି ପଡୁଛନ୍ । ଖାଦ୍ୟ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୧୮ ମସିହାନୁ ଜାତିସଂଘ ତର୍‌ଫୁ ଇ ଦିବସ ପାଲନ୍ କରାଯାଉଛେ । ଇ ବଛର୍ ଖାଦ୍ୟ ସୁରକ୍ଷା ଦିବସ୍‌ର ବାର୍ତା ହେଉଛେ 'ଖାଦ୍ୟ ନିରାପତା :ଅପ୍ରତ୍ୟାଶିତ ପାଇଁ ପ୍ରସ୍ତୁତ ରୁହ' ।

ଯୁକ୍ତ ଦୁଇ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୪-୨୫ ଶିକ୍ଷା ବଛ୍‌ରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର୍ ୧୧ କ୍ଲାସ୍‌ଥି ନାଁଲେଖା ଲାଗି ଆଏଜ୍‌ଠାନୁ ଆବେଦନ୍ ମୁଲ୍ ହେଉଛେ । ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ସିଏଚ୍‌ଏସ୍‌ଇ ଅଧୀନ୍‌ଥି ବିଦ୍ୟାଳୟର୍ କଳା, ବିଜ୍ଞାନ୍, ବାଣିଜ୍ୟ, ଉପଶାସ୍ତ୍ରୀ, ଧନ୍ଦାମୂଳକ୍ ପାଠ୍ୟକ୍ରମ୍‌ଥି ନାଁଲେଖା ହେବା । ସଖାଲ ବେଲା ୧୧ ବଜେ ସାମ୍ସ ୱେବ୍‌ସାଇଟ୍ www.samsodisha.gov.in ଥି କମନ୍ ଆପ୍ଲିକେସନ୍ ଫର୍ମ ମିଲ୍‌ବା । ଆଗ୍ରହୀ ଛାତ୍ରଛାତ୍ରୀମାନେ ଆଏବା ମାସ ୬ ତାରିଖ୍‌ତକ୍ ନାଁ ପଞ୍ଜିକରଣ୍ କରିପାର୍‌ବେ ।

ଜୁଲାଇ ୧୮ ତାରିଖ୍ ସଖାଲ ବେଲା ୧୧ ବାଜିକରି ୪୫ ମିନିଟ୍‌ଥି ପହେଲା ମେଧା ତାଲିକା ବାହାର୍‌ବା । ଜୁଲାଇ ୧୯ ନୁ ୨୩ ତାରିଖ୍ ଭିତ୍‌ରେ ଯୋଗ୍ୟ ଛାତ୍ରଛାତ୍ରୀମାନ୍‌କର୍ ନାଁଲେଖା ହେବା ।

ମୌସୁମୀ- ଓଡ଼ିଶା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକେ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ହେଲେ ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍ ବେଲେ ମୌସୁମୀ ବାୟୁ ପ୍ରବେଶ୍ ଲାଗି ପାଗ୍ ଅନୁକୁଲ୍ ରହିଥିବା ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ମୌସୁମୀ ବାୟୁ ପହେଲା ଦକ୍ଷିଣ ଓଡ଼ିଶା ନ ପ୍ରବେଶ୍ କର୍‌ବା । ଇତାର୍‌ଉତ୍‌ରୁ ରାଜ୍ୟର୍ ଅଲ୍‌ଗା ଇଲାକା ନ ପୁହୁଁଚିବା ବଲି କୁହାଯାଇଛେ ।